ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 23-04-2024

ଗଜପତି(ଓଡିଶା) - :2024-04-23 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-04-24 | 2024-04-25 | 2024-04-26 | 2024-04-27 | 2024-04-28 |
|---|---|---|---|---|---|
| ବର୍ଷା (ମିମି) | 0.0 | 4.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 44.0 | 42.0 | 42.0 | 42.0 | 43.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 26.0 | 26.0 | 26.0 | 26.0 | 26.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 54 | 47 | 72 | 57 | 50 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 18 | 19 | 18 | 18 | 17 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 6 | 7 | 7 | 7 |
| ପବନର ଦିଗ (ଡିଗ୍ରୀ) | 244 | 245 | 234 | 216 | 244 |
| ମେଘାଚ୍ଛନ (ଅକ୍ଟା) | 2 | 2 | 2 | 2 | 2 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିପାରେ କେବଳ ବୁଧବାର ଦିନ ହାଲୁକା ବର୍ଷା ହେବା ସହିତ ଆକାଶ ମୁଖ୍ୟତଃ ସଫା ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୬.୦ ରୁ ୦୭.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୪୨.୦° ସେଲସିୟସ ରୁ ୪୪.୦° ସେଲସିୟସ ଏବଂ ୨୬.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୪୭ ରୁ ୭୨ ଶତକଡା ଏବଂ ୧୭ ରୁ ୧୯ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୪୦.୯° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୩° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦୧.୪ ମିଲିମିଟର ବର୍ଷା ହୋଇଅଛି । ଅପରାହ୍ନ ସମୟରେ ରୋଗନାଶକ, କୀଟନାଶକ କିମ୍ବା ତୃଣକନାଶକ ପ୍ରୟୋଗ କରନ୍ତୁ । ଅତ୍ୟଧିକ ତାପମାତ୍ରା ହ୍ରାସ କରିବା ପାଇଁ ଫସଲକୁ ପର୍ଯ୍ୟାପ୍ତ ଜଳସେଚନ କରନ୍ତୁ । ଧାନ କ୍ଷେତରେ ପାଣି ବାନ୍ଧିକି ରଖନ୍ତୁ । ଖରାଟିଆ ପନିପରିବା ଲଗେଇବା ପାଇଁ ଗ୍ରୀଷ୍ମ ପ୍ରବାହ କମିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ନଚେତ୍ ସନ୍ଧ୍ୟାରେ ଲଗାନ୍ତୁ ଏବଂ ଦିନରେ କାଗଜ କ୍ୟାପ୍ ସହିତ ଘୋଡାନ୍ତୁ । ନୂତନ ଭାବରେ ପ୍ରସ୍ତୁତ ପନିପରିବା ନର୍ସରୀକୁ ପଲିଥିନ କିମ୍ବା ନଡା ସହିତ ଘୋଡାନ୍ତୁ । ମାଟିର ଆର୍ଦ୍ରତା ସ୍ଥିତିକୁ ବଜାୟ ରଖିବା ପାଇଁ ଆଚ୍ଛାଦିକରଣ କରନ୍ତୁ । ବିଶେଷତଃ ବ୍ୟବସାୟିକ ଫସଲ ସହିତ ଫଳ ବଗିଚା ଏବଂ ବ୍ୟାପକ ବିସ୍ତାରିତ ପନିପରିବା ପାଇଁ ସୀମିତ ଜଳ ଉପଲବ୍ଧ ପରିସ୍ଥିତିରେ ବୁନ୍ଦା ଏବଂ ସିଞ୍ଚନ ଜଳସେଚନ ବ୍ୟବସ୍ଥା କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| କେତେକ ଅଞ୍ଚଳରେ କେନାଲ ଜଳର ଉପଲବ୍ଧତା ଅଭାବରୁ କୃଷକମାନେ ବିକଳ୍ପ ଭାବରେ ସିଆର ପଦ୍ଧତିରେ ଜଳସେଚନ ବ୍ୟବସ୍ଥା କରନ୍ତୁ, ଯାହାଦ୍ୱାରା ଜଳ ଆବଶ୍ୟକତା ପ୍ରାୟ ୫୦ ପ୍ରତିଶତ କମିଯିବ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | କେଣ୍ଡାକଟା ପୋକ- ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ୪୦୦ ମିଲି କୁଇନାଲଫସ୍ କିମ୍ବା ୫୦୦ ମିଲି କ୍ଲୋରପାଇରିଫସ୍ କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସକାଳ ସମୟରେ ଧାନ ଗଛ ମୂଳରେ ସିଞ୍ଚନ କରନ୍ତୁ । ଗଳା ମହିଷା-ଧାନ ଫସଲରେ ଗଳା ମହିଷା ରୋଗର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି ହେକ୍ସାକୋନାଜୋଲ ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି ଆଜୋକ୍ସିଷ୍ଟ୍ରୋବିନ୍ ଏବଂ ଡାଇଫେନୋକୋନାଜୋଲ ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ ଟେବୁକୋନାଜୋଲ ଏବଂ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ର ମିଳିତ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବାଇଗଣ | ବାଇଗଣ ଓ ବିଲାତି ବାଇଗଣ ଫସଲରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲାଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟାନାଶକ ୧୫୦୦ ପିପିଏମ ଆଜାଦଡିରାକ୍ଟିନ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା ୨୦୦ ମିଲି ପାଇରିପ୍ରୋକ୍ସିଫେନ ନାମକ କୀଟାନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବୋଇତି କଖାରୁ | ବର୍ତ୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଫସଲ ଯଥା କଖାରୁ, କାକୁଡି, କଲରା, ଜହ୍ନି ଇତ୍ୟାଦି ଫସଲରେ ଫଳମାଛି ଲାଗିବାର ସମ୍ଭାବନା ରହିଛି । ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪ ଲିଟର ପାଣିରେ ୪୦୦ ଗ୍ରାମ ଗୁଡ ଓ ୮ ମିଲି ମାଲାଥିଅନ ବା ଡିଡିଭିପି କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ । ଏହି ବିଷଥୋପ କୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟିରେ କିମ୍ବା ପ୍ଲାଷ୍ଟିକ କପରେ ଗଛ ମୂଳରେ ରଖନ୍ତୁ । ଏହା କରିବା ଦ୍ୱାରା ଫଳମାଛି ଗୁଡିକ ଏହି ବିଷଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ମରିଯିବେ । |
| ಮೆಣಸಿನಕಾಯಿ | ଲଙ୍କା ଫସଲରେ ଫଳସଢା ଓ ଅଗମରା ରୋଗର ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ ପ୍ରୋପିନେବ କିମ୍ବା ୧୦୦ ମିଲି ଡାଇଫେନକୋନାଜୋଲ କିମ୍ବା ୨୦୦ ମିଲି ଆଜୋକ୍ସିଷ୍ଟ୍ରୋବିନ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ପ୍ରଥମ ଥର ଫୁଲ ହେବା ଆଗରୁ ଏବଂ ଦ୍ୱିତୀୟ ଥର ଫଳ ଧରିବା ସମୟରେ ସିଞ୍ଚନ କରନ୍ତୁ । |
| ଲଙ୍କା | ଲଙ୍କା ଫସଲରେ ଫଳସଢା ଓ ଅଗମରା ରୋଗର ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ ପ୍ରୋପିନେବ କିମ୍ବା ୧୦୦ ମିଲି ଡାଇଫେନକୋନାଜୋଲ କିମ୍ବା ୨୦୦ ମିଲି ଆଜୋକ୍ସିଷ୍ଟ୍ରୋବିନ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ପ୍ରଥମ ଥର ଫୁଲ ହେବା ଆଗରୁ ଏବଂ ଦ୍ୱିତୀୟ ଥର ଫଳ ଧରିବା ସମୟରେ ସିଞ୍ଚନ କରନ୍ତୁ । |
| ଆମ୍ବ | ଆନ୍ଥ୍ରାକ୍ନୋଜ୍ ର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦WP କିମ୍ବା ୨ଗ୍ରାମ୍ କ୍ଲୋରୋଥାଲୋନିଲ୍ ୭୫WP ସିଞ୍ଚନ କରନ୍ତୁ । ଆମ୍ବ ଫଳ ମାଛି ପରିଚାଳନା ପାଇଁ ଫଳ ମାଛି ଯନ୍ତା ବ୍ୟବହାର କରନ୍ତୁ । ଯାଦୁଆ ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦WP + ୦.୩ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ ମିଶ୍ରଣ ସିଞ୍ଚନ କରନ୍ତୁ । କ୍ରିୟାତ୍ମକ ବିକାରର ପରିଚଳନା ପାଇଁ ବୋରାକ୍ସ ୨ ଗ୍ରାମ୍ ପ୍ରତି ଲିଟର ସିଞ୍ଚନ କରନ୍ତୁ । |
| ଭେଣ୍ଡୀ | ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳାନା ପାଇଁ ଏହାର ବାହକ ଧଳାମାଛିର ନିୟନ୍ତ୍ରଣ ନିହାତି ଜରୁରୀ । ଗଛ ୨ ରୁ ୩ ପତ୍ର ହେବା ଅବସ୍ଥାରୁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ଧଳାମାଛି ମାନେ ହଳଦିଆ ରଙ୍ଗକୁ ଆକୃଷ୍ଟ ହୋଇ ଅଠା ରେ ଲାଖି ମରିଯିବେ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଅଧିକ ଗରମ କାରଣରୁ ପ୍ରାଣୀମାନଙ୍କର ଦୁଗ୍ଧ, ମାଂସ ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ତାଙ୍କ ଅବସ୍ଥାରେ କିଛି ସୁଧାର ନ ଆସିଲେ ପ୍ରାଣୀମାନେ ମୃତ୍ୟୁବରଣ ମଧ କରିପାରନ୍ତି । ଦିନବେଳା ଖରା ଅଧିକ ହେଲେ ପ୍ରାଣୀମାନଙ୍କୁ ଗୁହାଳରୁ କାଢି ଛାଇ ଜାଗାରେ ବାନ୍ଧିବା ଉଚିତ୍ । ଗୁହାଳର ଛପର ଟିଣ ବା ଆଜବେଷ୍ଟସ୍ ର ହୋଇଥିଲେ ତା ଉପରେ ଛଣ ବା ନଡିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ । ଜୋର ରେ ଖରା ହଉଥିଲେ ଗୁହାଳର ଖୋଲାଥିବା ଜାଗା ଗୁଡିକରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇ ହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ଧଳା ରଙ୍ଗର ଚୂନର ଲେପ ଦିଅନ୍ତୁ । ଅଧିକ ଉତ୍ପାଦନକ୍ଷମ ପ୍ରାଣୀ ଥିଲେ ପଙ୍ଖା, ପାଣି ଛିଞ୍ଚିବା ଜନ୍ତ୍ର ଓ ଅନ୍ୟ ତାପମାତ୍ରା କମ କରିପାରୁଥିବା ଉପକରଣ ଲଗେଇବାର ବ୍ୟବସ୍ଥା କରାଯିବା ଦରକାର । ଅଂଶୁଘାତ ରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ, ମୁଣ୍ଡରେ ବରଫ ଘସନ୍ତୁ, ଓଦା କପଡା ବା ଅଖା ରଖନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ଯଦି ମାଛ ଚାଷ ପାଇଁ ପୋଖରୀରେ ମାଛ ଜାଆଁଳା ଥାଏ, ତେବେ ମତ୍ସ୍ୟ ଚାଷୀମାନେ ଜଳର ଗୁଣବତ୍ତା ଏବଂ ସ୍ତର ଉପରେ ନଜର ରଖିବା ସହ ତାପମାତ୍ରା ଉପରେ ମଧ ନଜର ରଖିବା ଉଚିତ୍ । ଯଦି ଜଳର ତାପମାତ୍ରା ୩୦° ସେଲସିୟସ ରୁ ଅଧିକ ହେଲେ କିମ୍ବା ଜଳ ସ୍ତର ୧ ମିଟର ଗଭୀର ତଳକୁ ଚାଲିଗଲେ ଚାଷୀଭାଇ ମାନେ ଶୀଘ୍ର ଅମଳ କରିନିଅନ୍ତୁ ଏବଂ ମାଛ ବିହନ ଉତ୍ପାଦନ ଏବଂ ମାଛ ଚାଷ କାର୍ଯ୍ୟକଳାପ କୁ ସାମୟିକ ବନ୍ଦ ରଖନ୍ତୁ । ପ୍ରଜନନ ଏବଂ ମାଛ ଚାଷ କୁ ବନ୍ଦ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଖରା ଦାଉରୁ କୁକୁଡା ଓ ବତକ ମାନଙ୍କର ମାଂସ, ଅଣ୍ଡା ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁବରଣ ମଧ କରିଥାନ୍ତି । ଖରା ଦାଉରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲାବେଳେ ଧ୍ୟାନ ଦେବେ ଯେପରି ଘର ଭିତରକୁ ସିଧା ଖରା ପଡୁ ନ ଥିବ, ମୁକ୍ତ ବାୟୁ ଚଳପ୍ରଚଳ କରୁଥିବ, ଘରର ଛପର ଉଚ୍ଚ ଓ ପାର୍ଶ୍ଵ କାନ୍ଥ ନୀଚ ଥିବା ଛପର ଉପରେ କଖାରୁ ଜାତୀୟ ଲତାଜାତୀୟ ଗଛ ମଡାନ୍ତୁ ଓ ଦିନବେଳା ପାଣି ଛିଞ୍ଚନ୍ତୁ । କୁକୁଡା ଓ ବତକ ମାନଙ୍କ ଉପରେ ମଧ ପାଣି ଛିଞ୍ଚନ୍ତୁ, କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶୀ ଓଦା ନ ହୁଏ । ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗି ଦେଲେ ଘର ଥଣ୍ଡା ରହିଥାଏ । ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ । ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାନ୍ତୁ । |